# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27 April - 2026**

**********************************

## <u>ମୁଖ୍ୟ ସମ୍ବାଦ</u>

- ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ
- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରଖିବା ନେଇ ନିଷ୍ପତ୍ତି
- ଗତବର୍ଷ ତୁଳନାରେ ଚଳିତ ବର୍ଷ ଜଙ୍ଗଲ ନିଆଁ ୧୦ ହଜାର କମ୍ ପଏଣ୍ଟରେ ରହିଥିବା ନେଇ ଜଙ୍ଗଲ ବିଭାଗର ସୂଚନା

ଏବଂ

- ସମ୍ବଲପୁରଠାରେ ତୃତୀୟ ରାଜ୍ୟ ପୁଲିସ ସନ୍ତରଣ ଓ କ୍ରସ କଣ୍ଟ୍ରି ପ୍ରତିଯୋଗିତା ଆରମ୍ଭ

Desk

# ବାଲ ପୁରସ୍କାର ନୋମିନେସନ

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ୨୦୨୬ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି । ଜୁଲାଇ ମାସ ୩୧ ତାରିଖ ସୁଦ୍ଧା ୫ ବର୍ଷରୁ ୧୮ ବର୍ଷ ବୟସର କିଶୋର -କିଶୋରୀମାନେ ଏଥିପାଇଁ ଆବେଦନ କରିପାରିବେ । ରାଷ୍ଟ୍ରପତିଙ୍କ ଦ୍ଵାରା ଦିଆଯାଉଥିବା ଏହି ସମ୍ମାନଜନକ ଜାତୀୟ ସ୍ତରର ପୁରସ୍କାର ପ୍ରତିଭାବାନ ଶିଶୁମାନଙ୍କୁ ପ୍ରତ୍ୟେକ ବର୍ଷ ପ୍ରଦାନ କରାଯାଇଥାଏ । ସାହସିକତା, ସମାଜସେବା, ପରିବେଶ, କ୍ରୀଡ଼ା, କଳା ଏବଂ ସଂସ୍କୃତି ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପାରଦର୍ଶିତା ଥିବା ଶିଶୁମାନଙ୍କୁ ଏହି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥାଏ । ଜୁଲାଇ ୩୧ ତାରିଖ ସୁଦ୍ଧା ଇଚ୍ଛୁକ କିଶୋର କିଶୋରୀମାନେ **national award portal** କିମ୍ବା **www.awards.gov.in** ରେ ଆବେଦନ କରିପାରିବେ ।

BBSR

# ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ କେନ୍ଦୁଝର ଗସ୍ତରେ ଯିବେ । ଗସ୍ତର ଦ୍ଵିତୀୟ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆସନ୍ତାକାଲି ଉତ୍କଳ ମଧୁସୂଦନ ଦାସଙ୍କର ଜନ୍ମ ବାର୍ଷିକୀ ଅବସରରେ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବେ । ଏହା ସହିତ

ଉଚ୍ଚାବାଲି ହାଟପଡ଼ିଆଠାରେ ୪୦୦/୨୦୦ କେଭିର ଏକ ବିଦ୍ୟୁତ ଗ୍ରୀଡ୍ ସବଷ୍ଟେସନ୍‌ର ଲୋକାର୍ପଣ କରିବେ। ଜିଲ୍ଲାର ପୁରୁଷୋତ୍ତମପୁର ସ୍ଥିତ ବି.ଏନ୍.କେ. ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ତୃତୀୟ ଦିନରେ ଶ୍ରୀ ମାଝୀ ବୁଧବାର ଦିନ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବା ସହ ଆମ ବସ୍ ରହଣି ସ୍ଥଳୀର ଉଦ୍‌ଘାଟନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

BBSR/R

## ମୁଖ୍ୟମନ୍ତ୍ରୀ– ପଶ୍ଚିମବଙ୍ଗ ଗସ୍ତ

ପଶ୍ଚିମବଙ୍ଗ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଆଜି ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଗଡ଼ାଠାରେ ରୋଡ୍ ସୋ' କରିବା ସହ ରାଜାରହାଟଠାରେ ଜନସମାବେଶରେ ଯୋଗଦେବେ। ସେଠାରୁ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଫେରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଦଳୀୟ ନେତା ହିମାଂଶୁ ଶେଖର ସାହୁଙ୍କ ସମେତ ରାଜ୍ୟର ବରିଷ୍ଠ ବିଜେପି ନେତାମାନେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି।

Desk

## ଗ୍ରୀଷ୍ମ– ସରକାରୀ ଛୁଟି

ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ରାଜ୍ୟର  ସମସ୍ତ ସରକାରୀ, ବେସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଖରାଛୁଟି ଆଜିଠାରୁ ଆରମ୍ଭ ହୋଇଛି। ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଏବଂ ବିଭାଗୀୟ ପ୍ରଶାସନିକ କାର୍ଯ୍ୟ ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଗ୍ରୀଷ୍ମ ଅବକାଶ ସମୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ଶିଶୁ ବାଟିକାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ହ୍ୱାଟସ୍‌ଆପ୍ ଗ୍ରୁପ୍ ଜରିଆରେ ମନୋରଂଜନ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ଗ୍ରୀଷ୍ମ ଅବକାଶ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ଘୋଷଣା କରାଯାଇଛି।

Kendrapara

## ତାଳଧ୍ୱଜ ନିର୍ମାଣ

କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ନୂତନ ରଥ ନିର୍ମାଣ ପାଇଁ ୩ ହଜାର ୫୦୦ ଘନଫୁଟ ରଥକାଠର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ସହାୟତାରେ କଟକ ବନଖଣ୍ଡ ବିଭାଗ ଅନ୍ତର୍ଗତ ସୁକିନ୍ଦା ଓ ଟମକା ବନାଞ୍ଚଳ ରେଞ୍ଜରୁ ୩ହଜାର ଘନଫୁଟ ଶାଳକାଠ ସଂଗ୍ରହ କରାଯାଇ ଶ୍ରୀବଳଦେବୀଉ ଦେବୋତ୍ତର ସଂସ୍ଥା କାର୍ଯ୍ୟାଳୟ ନିକଟକୁ ଅଣାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୧୪ ଚକ ଓ ୭

ଅଖ ନିର୍ମାଣ ସମ୍ପୂର୍ଣ୍ଣ ନୂତନ ଭାବେ କରାଯିବ ବୋଲି ଟ୍ରଷ୍ଟ ବୋର୍ଡ ବୈଠକରେ ନିଷ୍ପତ୍ତି ହୋଇଛି।

BBSR/R

## ଜଙ୍ଗଲ ନିଆଁ

ରାଜ୍ୟର ୧୯ଟି ଡିଭିଜନ୍‌ରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ କେ.ମୁରୁଗେସନ କହିଛନ୍ତି। ବାଲିଗୁଡ଼ା ଏବଂ କଳାହାଣ୍ଡି ରେଞ୍ଜରେ ଅଧିକ ସଂଖ୍ୟାରେ ଜଙ୍ଗଲ ନିଆଁ ଲାଗୁଥିବା ବେଳେ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପୋଡୁ ଚାଷ ପାଇଁ ସ୍ଥାନୀୟ ବାସିନ୍ଦା ଜଙ୍ଗଲରେ ନିଆଁ ଲଗାଉଛନ୍ତି। ଗତ ବର୍ଷ ୩୦ ହଜାର ପଏଣ୍ଟରେ ଜଙ୍ଗଲ ନିଆଁ ଲାଗିଥିବା ବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଏହା ୨୦ ହଜାର ପଏଣ୍ଟରେ ପହଁଞ୍ଚିଛି।  ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମ ଓ ବନ ସୁରକ୍ଷା ସମିତିର ସଜାଗ ରହିବା ଯୋଗୁଁ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇପାରୁଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ କହିଛନ୍ତି।

**- V/O –**

BHK

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୀଣାପାଣି ହେଲେନ୍ କେଲର ଅନ୍ଧ ମୁକ ବଧିର ବିଦ୍ୟାଳୟରେ ମାନସିକ ଓ ବୌଦ୍ଧିକ ଅକ୍ଷମ

ଆଇନ ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ କାର୍ଯ୍ୟକ୍ରମରେ ଯୋଗଦେଇ ମାନସିକ ଅକ୍ଷମ ଛାତ୍ରଛାତ୍ରୀ ଓ ବ୍ୟକ୍ତିଙ୍କ ପାଇଁ ଆଇନ ସହାୟତା ବାବଦରେ ଆଲୋଚନା କରିବା ସହିତ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଏହି ବର୍ଗର ଲୋକଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

BHK/Nuapada/Nabarangpur/Rayagada

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାପ୍ତାହିକ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ରାମନାଗୁଡ଼ାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୪୨ଟି ଅଭିଯୋଗର ମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଜିଲ୍ଲାପାଳ ୫ ଜଣ ବ୍ୟକ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ୬୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।

ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ହୋଇଛି । ମୋଟ ୨୦ଟି ଅଭିଯୋଗର ଶୁଣାଣି କରାଯାଇଛି । ଜିଲ୍ଲାପାଳ ୪ ଜଣଙ୍କୁ ହୁଇଲ୍ ଚେୟାର ବଣ୍ଟନ କରିଛନ୍ତି ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାସ ଅଭିଯୋଗଗୁଡ଼ିକର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ଆବଶ୍ୟକୀୟ ଥିବା ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ୨୧ଟି  ଅଭିଯୋଗର ଶୁଣାଣି ହୋଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

Nuapada

## ପ୍ରଶିକ୍ଷଣ ଶିବିର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପବ୍ଲିକ ସ୍କୁଲ ବିଦ୍ୟାଳୟରେ ଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ନୂତନ ଜାତୀୟ ପାଠ୍ୟକ୍ରମ ଆଧାରରେ ଶ୍ରେଣୀ ଗୃହ ପରିଚାଳନା ଓ ସହଯୋଗୀ ଶିକ୍ଷାଦାନ ପଦ୍ଧତି ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା ।

Ganjam

## ଡେଙ୍ଗୁ ସଚେତନତା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ ଡେଙ୍ଗୁ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ଆସନ୍ତା ଜୁନ୍ ମାସ ପହିଲାରୁ ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ସହରରେ ଡେଙ୍ଗୁ ନିରାକରଣ ଅଭିଯାନ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ କୀଟ ତତ୍ତ୍ୱବିତ୍ ଡାକ୍ତର ରବି ଶଙ୍କର ପଣ୍ଡିତ ଯୋଗଦେଇ ଡେଙ୍ଗୁ ଓ ଡେଙ୍ଗୁ ବାହିତ ଅନ୍ୟାନ୍ୟ ରୋଗ ସମ୍ପର୍କରେ ଆଲୋଚନା କରିବା ସହ ଏହା ନିରାକରଣ ଜନସମୂହ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।

SBLPUR

## ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁରଠାରେ ତୃତୀୟ ରାଜ୍ୟ ପୁଲିସ ତିନିଦିନିଆ ସନ୍ତରଣ ଓ କ୍ରସ୍ କଣ୍ଟ୍ରି ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଦଳର ୧୪୧ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୮୨ ଜଣ କ୍ରସ୍ କଣ୍ଟ୍ରି ଏବଂ ୫୯ ଜଣ ସନ୍ତରଣକାରୀ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପୁଲିସ ବାହିନୀ ମଧ୍ୟରେ ଭାତୃଭାବ ବୃଦ୍ଧି ଏବଂ କ୍ରୀଡ଼ା ମନୋଭାବକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି ବରିଷ୍ଠ ପୁଲିସ ଅଧିକାରୀ ବ୍ରିଜେଶ ରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସମେତ ବରଗଡ଼, ଝାରସୁଗୁଡ଼ା, ସୋନପୁର ଓ ବଲାଙ୍ଗୀର ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Desk

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ଉତ୍ତର ଓ ପଶ୍ଚିମ ଭାଗରେ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଉଛି। ଉପକୂଳ ଅଞ୍ଚଳଗୁଡ଼ିକରେ ଗୁଳୁଗୁଳି ଅଧିକ ଅନୁଭୂତ ହେଉଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତାକାଲି ଦକ୍ଷିଣ ଓ ଉତ୍ତର ଭାଗର ଜିଲ୍ଲାଗୁଡ଼ିକରେ କାଳବୈଶାଖୀର ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନାର ଅନୁମାନ କରାଯାଇଛି।

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ପରବର୍ତ୍ତୀ ଶୁଣାଣି ନେଇ ଗଣମାଧ୍ୟମରେ ସୂଚନା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।